**Prameya, Bhubaneswar, Sep 07 2012**

# ଡିଏଭି ଟିସିଏସ୍ ଆଇଟି କ୍ୱିଜ୍ ବିଜେତା



ଭୁବନେଶ୍ୱର, (ବ୍ୟୁରୋ): ସ୍ଥାନୀୟ ପାଲ୍ ହାଇଟ୍ସଠାରେ ଅନୁଷ୍ଠିତ ଭାରତର ସର୍ବବୃହତ୍ ଆନ୍ତଃବିଦ୍ୟାଳୟ ପ୍ରଯୁକ୍ତି ବିଦ୍ୟା (ଆଇଟି) କ୍ୱିଜ୍ ପ୍ରତିଯୋଗିତା ଟିସିଏସ୍ ଆଇଟି କ୍ୱିଜ୍ ଭୁବନେଶ୍ୱର ଏଡିସନ୍‌ରେ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲର ଆୟୁଷ କୁମାର ସିହ୍ନା ଓ ସମୀର ପାତ୍ର ବିଜୟୀ ହୋଇଛନ୍ତି। ସେହିପରି ବିଜେବି ଜୁନିୟର କଲେଜର ଅବିନାଶ ପଲାଇ ଓ କୁମାର ଶୈଳେଶ ମିଶ୍ର ରନର୍ସ ଅପ୍ ହୋଇଛନ୍ତି। ଉଭୟ ବିଜୟୀ ପ୍ରତିଯୋଗୀଙ୍କୁ ଗୋଟିଏ ଲେଖାଏଁ ଗାଲାକ୍ସି ନୋଟ୍ ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅପ୍ ପ୍ରତିଯୋଗୀଙ୍କୁ ଗୋଟିଏ ଲେଖାଏଁ ଗାଲାକ୍ସି ଟାବ୍ ପ୍ରଦାନ କରାଯାଇଛି। ବିଜୟୀ ପ୍ରତିଯୋଗୀମାନଙ୍କୁ ରାଜ୍ୟ ସରକାରଙ୍କ ଆଇଟି ବିଭାଗ କମିଶନର ତଥା ସଚିବ ମଧୁସ୍ମିତା ପାତ୍ରୀ ଓ ଟିସିଏସ୍ ଭୁବନେଶ୍ୱରର କେନ୍ଦ୍ରୀୟ ମୁଖ୍ୟ ମନୋଜ ପଣ୍ଡା ପୁରସ୍କାର ପ୍ରଦାନ କରିଥିଲେ।

ପ୍ରକାଶ ଥାଉକି, ଗତ ୧୩ ବର୍ଷ ହେଲା ଟିସିଏସ୍ ଆଇଟି କ୍ୱିଜ୍ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଏହା ଦେଶର ସର୍ବବୃହତ୍ ଆନ୍ତଃବିଦ୍ୟାଳୟ କ୍ୱିଜ୍ ପ୍ରତିଯୋଗିତା। ପ୍ରାଥମିକ ଭାବେ ଭୁବନେଶ୍ୱର, କୋଚି, ହାଇଦ୍ରାବାଦ୍, ନାଗପୁର, ଇନ୍ଦୋର ଭଳି ୧୪ଟି ସହରରେ ଆଞ୍ଚଳିକ ରାଉଣ୍ଡ ଅନୁଷ୍ଠିତ ହେଉଛି। ଏଥିରେ ପ୍ରତି ଆଞ୍ଚଳିକ ରାଉଣ୍ଡର ପ୍ରଥମ ୬ ବୃନ୍ଦର ପ୍ରତିଯୋଗୀ ଦଳ ଡିସେମ୍ବରରେ ହେବାକୁ ଥିବା ଫାଇନାଲ୍ ପ୍ରତିଯୋଗିତାରେ ଭାଗ ନେବେ। ଭୁବନେଶ୍ୱରରେ ଆୟୋଜିତ ହୋଇଥିବା ଏହି ପ୍ରତିଯୋଗିତାରେ ପ୍ରାୟ ୮୭ଟି ବିଦ୍ୟାଳୟର ୧,୩୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ।